ଧରିତ୍ରୀ
DHARITRI
ବୁଧବାର ୧୯ ମେ ୨୦୨୧

## ସମବାୟ ସମିତିରେ ଚାଷୀଙ୍କ ଧାରଣା

**ରାଇବଣିଆ,(ଡି.ଏନ.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱର ସେବା ସମବାୟ ସମିତିର ଚାଷୀମାନେ ପୋଷ୍କ ମାଧମରେ ଧାନକିଣାକୁ ବିରୋଧ କରି ଧାରଣାରେ ବସିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କୃଷକ ନେତା ସୁଦାମ ପାତ୍ର, ବ୍ରଜଗୋପାଳ ଦାସ, ବଂଶୀଧର ପ୍ରଧାନ, ସପନ କୁମାର ଜେନା, ନରୋତ୍ତମ ଜେନା, ରାଜେଶ ଜେନା, ରାଧାଗୋବିନ୍ଦ ମହାନ୍ତି, ସତ୍ୟକିଂକର ଭୂଆଁ, ଅଶୋକ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ରବୀନ୍ଦ୍ର ପାତ୍ର, ଅମୂଲ୍ୟ ପାତ୍ର, ଅବନୀ ପ୍ରଧାନ ଓ ଜତିନ୍ଦ୍ର କର ପ୍ରମୁଖ ଧାରଣାରେ ସାମିଲ ଥିଲେ।



## ସଂକ୍ଷେପରେ

### ଗାଁରୁ ହରିଣ ଉଦ୍ଧାର

**ଖଇରା, ୧୮।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରତିଣା ଗ୍ରାମର ରଞ୍ଜନ ମହାନ୍ତିଙ୍କ ବାଡିରୁ ଏକ ହରିଣ ଉଦ୍ଧାର କରାଯାଇଛି । ପ୍ରାଥମିକ ଚିକିତ୍ସା ପରେ କୁପାରୀ ବନ ବିଭାଗ ଦ୍ୱାରା ଏହାକୁ କୁଲଡିହା ଅଭୟାରଣ୍ୟରେ ଛଡାଯାଇଛି । ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ ୨ଦିନ ଧରି ଶାରୀଶୁଆ ପାହାଡରେ ପ୍ରବଳ ବ୍ଲାଷ୍ଟିଂ ଯୋଗୁ ମଣିଷ ଜୀବଜନ୍ତୁ ଆତଙ୍କିତ ଅବସ୍ଥାରେ ଥିଲେ। ଉକ୍ତ ହରିଣ ସୋମବାର ରାତିରେ ରତିଣା ଗ୍ରାମକୁ ପଶି ଆସିଥିଲା । ମଙ୍ଗଳବାର ସକାଳେ କୁକୁର ଗୋଡାଇବାରୁ ରଞ୍ଜନ ମହାନ୍ତିଙ୍କ ବାଡିରେ ଥିବା ଗାଡିଆକୁ ହରିଣ ପଶିଯାଇଥିଲା । ପରେ ରଞ୍ଜନ ମହାନ୍ତିଙ୍କ ପରିବାର ଲୋକେ ତାକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗାର୍ଡ ସଞ୍ଜୟ କୁମାର ମହାନ୍ତି ଓ ସବୁଜ ବାହିନୀର ସଦସ୍ୟମାନେ ଗ୍ରାମରେ ପହଞ୍ଚିଥିଲେ । ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବର୍ତ୍ତମାନ ଉକ୍ତ ବ୍ଲାଷ୍ଟିଂକୁ ବନ୍ଦ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

### ୩ ଅଭିଯୁକ୍ତ ଗିରଫ

**ଯୋଡ଼ା/ବଡ଼ବିଲ, ୧୮।୫(ଡି.ଏନ.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଆଜାଦ ବସ୍ତିରେ ରହୁଥିବା ଦୁର୍ଦ୍ଧାନ୍ତ ଅପରାଧୀ କାଳୀଚରଣ ମାଝି ଓରଫ କାଣ୍ଡେ ହତ୍ୟାକାଣ୍ଡ ଘଟଣାରେ ପୋଲିସ ମୃତକଙ୍କ ୩ ଶାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମନୋହର ମାଝି, ରାମ ମାଝି ଏବଂ ଦିଗମ୍ବର ମାଝି। ସୂଚନା ଥାଉକି, ସୋମବାର କାଳୀଚରଣଙ୍କ ମୃତଦେହକୁ ପୋଲିସ ଯୋଡ଼ା ଇଷ୍ଟସ୍ଥିତ ସୁନା ନଈ କୂଳରୁ ମାଟି ଖୋଳି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଦ୍ଧାର କରିଥିଲା। ଘଟଣାରେ ବ୍ୟବହୃତ ମାରଣାସ୍ତ୍ର ମଧ ଜବତ କରିଥିଲା। ପୋଲିସ ସୂଚନା ଅନୁଯାୟୀ, ପତ୍ନୀ ସୁକୁମାରୀଙ୍କ ସହ କାଣ୍ଡେଙ୍କର ବିବାଦ ଲାଗିରହୁଥିବାରୁ ୨୦୧୪ ରୁ ସୁକୁମାରୀ ସେହି ଆଜାଦ ବସ୍ତିସ୍ଥିତ ନିଜ ବାପଘରେ ରହୁଥିଲେ। ହେଲେ କାଳୀଚରଣ ବାରମ୍ବାର ସୁକୁମାରୀଙ୍କ ଘରକୁ ଯାଇ ମାର୍‌ପିଟ ଓ ଝଗଡ଼ା କରୁଥିଲେ। ଘଟଣା ଦିନ ସନ୍ଧ୍ୟାରେ ମଧ ସେହିପରି ଘଟଣାରେ ଉତକ୍ଷିପ୍ତ ହୋଇ ୩ ଶାଳକ କାଳୀଚରଣଙ୍କ ଘରେ ପଶି ତାଙ୍କ ଗୋଡ଼ ହାତ ବାନ୍ଧି ଆଖି ତାଡ଼ିନେବା ସହ ନୃଶଂସ ଭାବେ ହତ୍ୟା କରି ପୋତିଦେଇଥିଲେ।

### ମୃତକଙ୍କ ପରିବାରକୁ ସହାୟତା କଲେ କେନ୍ଦ୍ରମନ୍ତ୍ରୀ

**ସଜନାଗଡ଼, ୧୮।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ କୁସୁମିଆ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ (୬୦)ଙ୍କ ମୃତଦେହ ଜଡ଼ିବାଲି ଗ୍ରାମ ନାଳରୁ ଜବତ କରାଯାଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗକୁ ହସ୍ତାନ୍ତର କରିଥିଲା। ଉକ୍ତ ଖବର ଗଣମାଧମରେ ପ୍ରକାଶିତ ହେଲା ପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୃତକଙ୍କ ପରିବାର ସହିତ ଦିଲ୍ଲୀରେ ଥାଇ କଥା ହେବା ସହ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରକୁ କେନ୍ଦ୍ରମନ୍ତ୍ରୀ ଆର୍ଥିକ ସହାୟତା ପ୍ରଦାନ କରିବା ସହ ହରିଶ୍ଚନ୍ଦ୍ର ଯୋଜନା ତୁରନ୍ତ ସହାୟତା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, କରୁଣାକର ପଣ୍ଡା ମୃତକଙ୍କ ପରିବାରକୁ ଭେଟି ସହାୟତା ପ୍ରଦାନ କରିଥିଲେ।

### ରାଜସ୍ୱ ରଥର ଶୁଭାରମ୍ଭ

**ଆନନ୍ଦପୁର/ଝୁମ୍ପୁରା, ୧୮।୫(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଆନନ୍ଦପୁର ତହସିଲ ପକ୍ଷରୁ ମଙ୍ଗଳବାର ରାଜସ୍ୱ ରଥର ଶୁଭାରମ୍ଭ କରାଯାଇଛି। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ସରୋଜ କୁମାର ଦତ୍ତ ଅତିଥି ଭାବେ ଉପସ୍ଥିତ ରହି ଏହି ରଥର ଶୁଭାରମ୍ଭ କରିଥିଲେ। ସେହିପରି ଝୁମ୍ପୁରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ରଥ ଆରମ୍ଭ ହୋଇଛି। ତହସିଲଦାର ପ୍ରତିଭା ପୃଷ୍ଟି, ବରିଷ୍ଠ କିରାଣୀ ପ୍ରଦୀପ ରଣା, ପ୍ରଭାକର ନାଏକ, ସୁପରଭାଇଜର ଭୂବନାନନ୍ଦ ନାଏକ, ଅମିନ ସୁରେଶ ନାୟକ, ରାଜସ୍ୱ ନିରୀକ୍ଷକ ଅଜୟ ଦାସ ଏଥିରେ ସାମିଲ ଥିଲେ।

### ମନ୍ଦିରରେ ଅକ୍ଷୟ ତୃତୀୟା

**ଖଇରା,(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ପ୍ରସିଦ୍ଧ ଅମ୍ବିକା ମନ୍ଦିରରେ ପବିତ୍ର ଅକ୍ଷୟ ତୃତୀୟା ବିନା ଭକ୍ତରେ ନିରାଡମ୍ବରରେ ପାଳିତ ହୋଇ ଯାଇଛି । ମନ୍ଦିର ସଞ୍ଚାଳକ ଶୁଭେନ୍ଦୁ ମୁନୀ ସକାଳେ ମା'ଙ୍କର ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୂଜାରୀ ସୁରେନ୍ଦ୍ର ପ୍ରସାଦ ପଣ୍ଡା, ବସନ୍ତ କୁମାର ପଣ୍ଡା, ଅଶୋକ କୁମାର ପଣ୍ଡା, ଚୈତନ୍ୟ ପଣ୍ଡା, ନିରଞ୍ଜନ କରଙ୍କ ଦ୍ୱାରା ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା

# ପାଚିଲା ଆମ୍ବ ବାସ୍ନାରେ ଜନବସତିମୁହାଁ ହାତୀପଲ

**ବାରିପଦା ଅଫିସ,୧୮।୫**



କରଞ୍ଜିଆ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ହାତୀ।

କିଛି ଦିନର ବ୍ୟବଧାନ ପରେ ମୟୂରଭଞ୍ଜ ଜିଲା କରଞ୍ଜିଆ ଓ ବେତନଟୀ ବନଖଣ୍ଡକୁ ପୁଣି ହାତୀପଲ ଲେଉଟିଛନ୍ତି। ପାଚିଲା ଆମ୍ବ ବାସ୍ନାରେ ସେମାନେ ପାଗଳପ୍ରାୟ ହୋଇ ଜନବସତିମୁହାଁ ହେଉଛନ୍ତି। ସୋମବାର ବିଳମ୍ବିତ ରାତିରେ ୧୭ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଚମ୍ପୁଆ ଅଞ୍ଚଳ ଦେଇ କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସକାଳେ ଦୁଧିଆଣି ରେଞ୍ଜର ଦରି ସଂରକ୍ଷିତ ଜଙ୍ଗଲରେ ଏହି ହାତୀପଲ ରହିଥିଲେ। ତେବେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ନିକଟସ୍ଥ ଗାଁ ଭିତରକୁ ପ୍ରବେଶ କରିବା ଆଶଙ୍କା ଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବନବିଭାଗ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଥିବା ତାଟୋ ରେଞ୍ଜ ଅଧିକାରୀ ସରୋଜ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ବେତନଟୀ ରେଞ୍ଜ ଅଞ୍ଚଳକୁ ଶିମିଳିପାଳର ୧୯ ହାତୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ହାତୀପଲ ବ୍ୟାପକ ଫଳ ଓ ପନିପରିବା ଚାଷ ନଷ୍ଟ କରିଛନ୍ତି। ତାଡ଼କି ନିକଟରେ ଥିବା ୩୫ ଏକରରୁ ଅଧିକ ଆମ୍ବ ବଗିଚାରେ ପ୍ରବେଶକରି କ୍ଷୟକ୍ଷତି ଘଟାଇଛନ୍ତି। ପାଚିଲା ଆମ୍ବ ଖାଇବା ସହିତ ବ୍ୟାପକ ଗଛ ନଷ୍ଟ କରୁଥିବାରୁ ଆମ୍ବ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଦୀର୍ଘଦିନ ଧରି ଏହି ଶିମିଳିପାଳ ହାତୀପଲ ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ବିଚରଣ କରୁଥିବା ବେଳେ ୩ଦିନ ହେଲା ବେତନଟୀ ରେଞ୍ଜ ଅଞ୍ଚଳକୁ ଫେରିଛନ୍ତି। ଏନେଇ ବନବିଭାଗ ଚିନ୍ତିତ ଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଝାଡ଼ଖଣ୍ଡ ହାତୀକୁ ନେଇ ଆତଙ୍କ

**କେନ୍ଦୁଝର, ୧୮।୫ (ସ୍ୱ.ପ୍ର.)**

**ମୁକାବିଲା ପାଇଁ ବନ ବିଭାଗ ପ୍ରସ୍ତୁତ**

ପଡୋଶୀ ଝାଡଖଣ୍ଡ ଅଞ୍ଚଳରୁ ଏକ ହାତୀପଲ କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅଞ୍ଚଳକୁ ପ୍ରବେଶ କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ପ୍ରତ୍ୟେକ ବର୍ଷ ଭଳି ବୈତରଣୀରେ ଜଳସ୍ତର କମିଗଲେ ନଦୀ ଡେଇଁ ପଳାଇ ଆସି ହାତୀମାନେ ଉପଦ୍ରବ କରିଥାନ୍ତି। ହାତୀ ମାନେ ଛପି ରହିଥିବା ବେଳେ ରାତିରେ ଉପଦ୍ରବ କରିବା ଆଶଙ୍କା କରି ଆଖପାଖ ଅଞ୍ଚଳର ଗ୍ରାମବାସୀ ଚିନ୍ତାରେ ପଡିଯାଇଛନ୍ତି। ବନ ବିଭାଗ ତଥ୍ୟ ଅନୁଯାୟୀ ଚମ୍ପୁଆ ରେଞ୍ଜ୍‌ରେ ଦୁଇଟି ଗ୍ରୁପରେ ସମୁଦାୟ ୧୧ଟି ହାତୀ ଅଛନ୍ତି। ଅନ୍ୟ ଗୋଟିଏ ଗ୍ରୁପ ଝାଡ଼ଖଣ୍ଡକୁ ପଳାଇଥିବାବେଳେ ଗୋଟିଏ ଗ୍ରୁପ ମୟୂରଭଞ୍ଜ ଜିଲାକୁ ପଳାଇଛନ୍ତି। ୭ଟି ହାତୀ ଚମ୍ପୁଆ ସେକ୍ସନ ମୁକୁନ୍ଦପୁର ଜଙ୍ଗଲରେ ଓ ୪ଟି ବାମେବାରୀ ସେକ୍ସନ ଅଞ୍ଚଳରେ ରହିଛନ୍ତି। ହାତୀ ଗୁଡିକ ଗୋଟିଏ ସ୍ଥାନରେ ନ ରହି ଏଣେ ତେଣେ ଚଳପ୍ରଚଳ କରୁଥିବା କହିଛନ୍ତି।

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଥମୁନାହିଁ। ଜିଲାରେ ସବୁବେଳେ ପଡୋଶୀ ଜିଲା ଓ ରାଜ୍ୟର ହାତୀ ଚିନ୍ତା ବଢାଉଛନ୍ତି। ଅନେକ ସମୟରେ ଚମ୍ପୁଆ ଦେଇ ଝାଡ଼ଖଣ୍ଡ ରାଜ୍ୟରୁ ହାତୀ ଆସି କେନ୍ଦୁଝର ଜିଲାର ଚମ୍ପୁଆ ଓ ବଡବିଲ ରେଞ୍ଜ୍‌ରେ ଉପଦ୍ରବ ଚଳାଉଥିବାବେଳେ ଦେବଗଡ, ଢେଙ୍କାନାଳ ଜିଲାର ହାତୀ ତେଲକୋଇ ରେଞ୍ଜ୍‌ରେ, ସୁନ୍ଦରଗଡ ଜିଲାର ହାତୀ ଭୂୟାଁ ଜୁଆଙ୍ଗ ପୀଢ ଅଞ୍ଚଳରେ ଏବଂ ଶିମିଳିପାଳ (ମୟୁରଭଞ୍ଜ) ଜିଲାର ହାତୀ ପାଟଣା ରେଞ୍ଜ୍ ଅଞ୍ଚଳରେ ଉପଦ୍ରବ ଚଳାଇ ଆସୁଛନ୍ତି ।

# ୨୭ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୫ ଗିରଫ

**ଜଳେଶ୍ୱର,୧୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ନିଶା କାରବାର କମୁ ନ ଥିବା ବେଳେ ମଙ୍ଗଳବାର ଜଳେଶ୍ୱର ଥାନା ପକ୍ଷରୁ ୨୭ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଶାସନବାର୍ଡ଼ ଅଞ୍ଚଳର ଏହାର ମୁଖ୍ୟ କାର୍ପଟଦାର ଏସ୍. କେ. ଅସିରୁଦ୍ଦିନ ଓରଫ୍ ପୁସୁଙ୍କ ନିକଟକୁ କେତେକ ଯୁବକ ବ୍ରାଉନ୍‌ସୁଗାର ନେବା ପାଇଁ ଆସୁଥିବା ଜଳେଶ୍ୱର ପୋଲିସ୍ ଖବର ପାଇଥିଲା। ଥାନା ଆଇଆଇସି ପର୍ଶୁରାମ ସାହୁ, ଏସ୍‌ଆଇ ଦିଲୀପ ସାମଲ, ସତ୍ୟନାରାୟଣ ବଳ ପ୍ରମୁଖ ସାଧା ପୋଷାକରେ ଶାସନବାର୍ଡ଼ ଅଞ୍ଚଳର ସୁବର୍ଣ୍ଣରେଖା ନଦୀ ପାଖରେ ଚଡାଉ କରି ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ସେଥିମଧ୍ୟରୁ ଜଣେ ଆମ୍ବଲିଅଠା ନିକଟରେ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ତାଙ୍କୁ କାବୁ କରିବାକୁ ଯାଇ କେତେକ ପୋଲିସ୍ କର୍ମଚାରୀ ଆକ୍ରମଣର ଶିକାର ହୋଇଥିଲେ। ପୁସୁଙ୍କ ସହ କମର୍ଦ୍ଦାର ଯୋଗେଶ୍ୱର ପ୍ରମାଣିକ, ଉତ୍ପଳ ପ୍ରହରାଜ, ବାଗପୁଞ୍ଜିର ଅରୂପ କୁମାର ଜେନା, ନହରା ଗ୍ରାମର କେଦାର ଜେନାଙ୍କୁ ଗିରଫ କରାଯାଇଥିବା ଆଇଆଇସି ପର୍ଶୁରାମ ସାହୁ ସୂଚନା ଦେଇଛନ୍ତି।

# ଯୁବତୀଙ୍କ ମୃତଦେହ ଜବତ

**ଜଳେଶ୍ୱର, ୧୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଓ ବସ୍ତା ଥାନାର ସୀମା ରାଜଘାଟ ପୋଲ ନିକଟ ସୁବର୍ଣ୍ଣରେଖା ନଦୀରୁ ମଙ୍ଗଳବାର ଜଣେ ଯୁବତୀଙ୍କ ମୃତଦେହ ଜବତ କରାଯାଇଛି। ସ୍ଥାନୀୟ ଲୋକେ ବସ୍ତା ଥାନାକୁ ଫୋନ ଯୋଗେ ଜଣାଇବା ପରେ ବସ୍ତା ପୋଲିସ ପହଞ୍ଚି ଉକ୍ତ ସ୍ଥାନ ଜଳେଶ୍ୱର ଥାନା ଅଧୀନରେ ଯାଉଥିବାରୁ ଜଳେଶ୍ୱର ଥାନାକୁ ଜଣାଇଥିଲେ। ଏଏସ୍‌ଆଇ ଏନ୍‌ଏନ୍ ସେଠୀଙ୍କ ସହିତ ବି.କେ ସେଠୀ ଓ ପ୍ରଶାନ୍ତ ମଣ୍ଡଳ ଉକ୍ତ ସ୍ଥାନରେ ପହଞ୍ଚିଥିଲେ ମଧ ମୃତଦେହ ଚିହ୍ନଟ ହୋଇ ପାରି ନ ଥିଲା । ତାଙ୍କ ପାଟିରୁ ଫେଣ ବାହାରୁଥିବା ବେଳେ ନାଲି ରଙ୍ଗର ଶାର୍ଟ ପିନ୍ଧିଥିବା ଜଣାଯାଇଛି। ପରେ ଜିକେ ଭଞ୍ଜର ହସ୍‌ପିଟାଲକୁ ମୃତଦେହ ଅଣାଯାଇ ଶବ ବ୍ୟବଚ୍ଛେଦ ହୋଇଥିବା ଥାନା ଆଇଆଇସି ପର୍ଶୁରାମ ସାହୁ କହିଛନ୍ତି । ଏନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୧) ରୁଜୁ କରାଯାଇଛି ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ବେଳେ ଉତ୍ତେଜନା

**ସୋର, ୧୮।୫(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ରେଲୱେ ଅଧୀନରେ ଥିବା ଷ୍ଟେଶନ ନିକଟ କାଳୀପଡିଆ ବସ୍ତିବାସିନ୍ଦାଙ୍କୁ ପୌର କର୍ତ୍ତୃପକ୍ଷ ମଙ୍ଗଳବାର ମୂଳେଶ୍ୱର ମୌଜାରେ ଥିବା ରାଉଳିଆପଦା ସରକାରୀ ଜମିରେ ଥଇଥାନ କରିବା ବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରେଲୱେ ମାଲିକାନାରେ ଥିବା କାଳିପଡିଆ ଜମିରେ ପୁରୁଷାନୁକ୍ରମେ ୪୦ପରିବାର ରହିଆସୁଛନ୍ତି। ଏବେ ରେଳ ମନ୍ତ୍ରଣାଳୟ ଜମିରେ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଥିବାରୁ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ବିଭାଗୀୟ ନୋଟିସ୍ ଜାରି କରାଯାଇଥିଲା। ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଆଧାରରେ ପୌରକର୍ତ୍ତୃପକ୍ଷ ଏହି ପରିବାକୁ ଭୂମିହୀନ ଭାବେ ଚିହ୍ନଟ କରି ସେମାନଙ୍କୁ ଜମି ସହ ଆବାସ ଯୋଜନାରେ ଅର୍ଥ ଯୋଗାଇ ଦେବାକୁ ପ୍ରମାଣପତ୍ର ଦେଇଥିଲେ। ମୂଳେଶ୍ୱର ମୌଜାରେ ଥଇଥାନ ପାଇଁ ୬ମାସ ତଳେ ଜମି ଚହ୍ନଟ ହୋଇ ବିସ୍ଥାପନ ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟରେ ଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରି ଦୁଇ ଧରି ରାସ୍ତା ଅବରୋଧ କରି ଗଣଧାରଣା ଜାରି ରଖିଥିଲେ। ମଙ୍ଗଳବାର ଅପରାହ୍ନରେ ଅବରୋଧ ହଟାଇବାକୁ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସୋର ତହସିଲଦାର ଡ. ଅଶୋକ କୁମାର ଦାସଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ସହାୟତାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ପହଞ୍ଚି ବସ୍ତିବାସିନ୍ଦାଙ୍କୁ ରନ୍ଧା ଖାଦ୍ୟ ଦେଇ ଅସ୍ଥାୟୀ ଶିବିରରେ ଥଇଥାନ କରାଇଛନ୍ତି। ଥାନା ଭାରପ୍ରାପ୍ତ ଅଧିକାରିଣୀଙ୍କ ନେତୃତ୍ୱରେ ଏସ୍‌ଆଇ ଅଶୋକ କୁମାର ମହାନ୍ତି, ଚିନୁଲତା ଦାସ, ପ୍ରଦୀପ କୁମାର ନାୟକ ଓ ସୂର୍ଯ୍ୟନାରାୟଣ ନାୟକ ସଦଳବଳେ ଆଇନଶୃଙ୍ଖଳା ରକ୍ଷା କରିଥିଲେ। ବିରୋଧକାରୀଙ୍କ ମଧ୍ୟରୁ ୯ଜଣ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରାଯାଇ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇଥିବା ଜଣାପଡିଛି।

# ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**କପ୍ତିପଦା,୧୮।୫(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଶରତ ଗ୍ରାମର ଜଣେ ଯୁବକ ଦାଦନ କାମ କରିବାକୁ ବେଙ୍ଗାଲୁରୁ ଯାଇଥିବା ବେଳେ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରୀଧର ସେଠୀଙ୍କ ପୁଅ ସୁବ୍ରତ। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ମୃତଦେହ ଗାଁକୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ମୟୂରଭଞ୍ଜ ଜିଲାପାଳଙ୍କଠାରେ ନିବେଦନ କରିଛନ୍ତି। ଗତ ୨୭ ମାର୍ଚ୍ଚରେ ସୁବ୍ରତ ସେଠାକୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୧୭ ତାରିଖରେ ସୁବ୍ରତଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଖବର ପାଇଥିଲେ।

# ଆଦର୍ଶ ବିଦ୍ୟାଳୟ ପାଇଁ ପୁନର୍ବାର ଜମି ଚିହ୍ନଟ



ଜମି ଚିହ୍ନଟ ବେଳେ ଉପସ୍ଥିତ ବିଧାୟକ ପର୍ଶୁରାମ ଧଡ଼ା ଓ ଅନ୍ୟ ଅଧିକାରୀମାନେ।

**ବାହାନଗା, ୧୮।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ସରକାରଙ୍କ ଆର୍ଦଶ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଦ୍ୱିତୀୟଥର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୋପାଳପୁର ପଞ୍ଚାୟତର ଯାଗେଶ୍ୱରପଦାଠାରେ ଥିବା ସରକାରୀ ଜମି ଚିହ୍ନଟ କରାଯାଇଛି। ପୂର୍ବରୁ ଏହି ବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜମି ବନ ବିଭାଗର ଗ୍ରାମ୍ୟ ଜଙ୍ଗଲ ନାମରେ ଥିବାରୁ ସେଠାରେ ବିଦ୍ୟାଳୟ ନିର୍ମାଣ କରିବାରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ସରକାରଙ୍କ ଦ୍ୱାରା ଅନ୍ୟ କେଉଁଠି ସରକାରୀ ଜମି ଅଛି ଦେଖି ତୁରନ୍ତ ବିଦ୍ୟାଳୟ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଆସିବାରୁ ପ୍ରଶାସନ ତତ୍ପର ହୋଇଉଠିଥିଲା।

ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଯାଗେଶ୍ୱରପଦା ଗ୍ରାମରେ ୫ ଏକରରୁ ଉର୍ଦ୍ଧ୍ୱ ଜମି ଥିବାରୁ ସେହି ଜମିକୁ ମଙ୍ଗଳବାର ଚିହ୍ନଟ କରାଯାଇଛି । ଏହି ଚିହ୍ନଟ ପ୍ରକ୍ରିୟାରେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ, ସୋର ବିଧାୟକ ପର୍ଶୁରାମ ଧଡା, ପିଡବ୍ଲ୍ୟୁଡି (ପୂର୍ତ୍ତବିଭାଗ )ର ଏସ୍‌ଡିଓ ହରିଶ୍ଚନ୍ଦ୍ର ଦ୍ୱାରୀ, ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ସନାତନ ନାୟକ, ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ସୁଦର୍ଶନ ମହାପାତ୍ର , ବେଣୁଧର ଜେନା, ଅଶ୍ୱନୀ ମହାପାତ୍ର ପ୍ରମୁଖ ପ୍ରଶାସନିକ ଅଧିକାରୀ ଓ ଆରଆଇ ଅମିନ ପ୍ରମୁଖ ଉପସ୍ଥିତ ରହି ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରିଥିଲେ। ଆଦର୍ଶ ବିଦ୍ୟାଳୟ ନିମନ୍ତେ ସରକାର ୩କୋଟି ୨୭ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ଏହି ଅର୍ଥ ଆସିବାରେ ଦୀର୍ଘଦିନ ହୋଇଯାଇଥିଲେ ମଧ ବିଦ୍ୟାଳୟ ନିର୍ମାଣ ହୋଇପାରୁନାହିଁ । ପ୍ରଶାସନ ଠିକ୍ ଭାବେ ଜମି ଚିହ୍ନଟ କରି ବିଭାଗକୁ ହସ୍ତାନ୍ତର କରି ନ ଥିବାରୁ ବିଦ୍ୟାଳୟ ନିର୍ମାଣ ହୋଇ ପାରୁ ନ ଥିବା ଜଣାପଡିଛି।

# ଝାଡଗାଁ, ଟଣ୍ଟୋ ଗ୍ରାମ୍ୟ ରାସ୍ତା ଅବରୋଧ

**ବଡବିଲ, ୧୮।୫(ସ୍ୱ.ପ୍ର.)**



ଗ୍ରାମ୍ୟ ରାସ୍ତାକୁ ଅବରୋଧ କରିଛନ୍ତି ଗ୍ରାମବାସୀ।

କେନ୍ଦୁଝର ଜିଲା ବଡବିଲ ଥାନା ଟଣ୍ଟୋସ୍ଥିତ ଏକ ଖଣି କମ୍ପାନୀର ୫ ଜଣ ସୁରକ୍ଷା କର୍ମୀ, ୩ ଜଣ କ୍ୟାଣ୍ଟିନ କର୍ମଚାରୀ, ୩ ଜଣ ଶ୍ରମିକଙ୍କ ସମେତ ସ୍ଥାନୀୟ ଗ୍ରାମର ଅନେକ କରୋନା ପଜିଟିଭ ହୋଇଥିବା ଦର୍ଶାଇ ଝାଡଗାଁ ଏବଂ ଟଣ୍ଟୋ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଏଥିରେ ସ୍ଥାନୀୟ ଗ୍ରାମବାସୀ ଏକତ୍ରିତ ହୋଇ ଗାଁ ଭିତର ରାସ୍ତାଦେଇ ଯାତାୟାତ ଉପରେ ପ୍ରତିବନ୍ଧକ କରିବାକୁ ଗ୍ରାମ୍ୟ ରାସ୍ତା ଉପରେ ବ୍ୟାରିକେଡ କରି ଅବରୋଧ କରିଥିବା ଜଣାପଡିଛି। ସମ୍ପୃକ୍ତ କର୍ମଚାରୀମାନେ କୋଭିଡ-୧୯ର ଗାଇଡ ଲାଇନ ପାଳନ କରୁ ନ ଥିବାରୁ ଅଞ୍ଚଳରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ଦେଖା ଦେଇଛି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବାଧ୍ୟ ହୋଇ ଗ୍ରାମ୍ୟ ରାସ୍ତାକୁ ଅବରୋଧ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି।

# ଗୋଟିଏ ପଞ୍ଚାୟତରେ ୩୦ ନଳକୂପ ଅଚଳ

**ବାଲେଶ୍ୱର ଅଫିସ, ୧୮।୫**





ଅଚଳ ନଳକୂପ।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ତାଡ଼ଦା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପ୍ରାୟ ଅଧାରୁ ଅଧିକ ନଳକୂପ ଅଚଳ ହୋଇଥିବା ବେଳେ ପାଣି ପଞ୍ଚାୟତ ପ୍ରକଳ୍ପ ଖରାପ ରହିଛି। ଲୋକମାନେ ଗୋଟିଏ ୱାର୍ଡ଼ରୁ ଅନ୍ୟ ୱାର୍ଡ଼କୁ ଯାଇ ପାଣି ପାଇଁ ଲାଇନ୍ ଲଗାଉଛନ୍ତି। ଅନ୍ୟ କେତେକ ସ୍ଥାନରେ ପୋଖରୀ ପାଣିକୁ ଗାଧୋଇବାଠାରୁ ଆରମ୍ଭ କରି ରୋଷେଇରେ ମଧ ବ୍ୟବହାର କରାଯାଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାଣି ପାଇଁ ହା ହା କାର ପଞ୍ଚାୟତବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଛି।

ପଞ୍ଚାୟତର ୧୩ଟି ୱାର୍ଡ଼ରେ ସମୁଦାୟ ୩୦ଟି ନଳକୂପ ଅଚଳ ରହିଛି। ସିମୁଳିଆରେ ୫ଟି, ସେଣ୍ଡରିରେ ୪ଟି, ଶାସନରେ ୨ଟି, ପାରିଶୁଳିଆରେ ୩ଟି, ଶ୍ୟାମରାଇପୁରରେ ୩ଟି, ତାଡ଼ଦାରେ ୪ଟି ଏବଂ ବେଣ୍ଟପୁରରେ ୧ଟି ସହିତ ଅନ୍ୟ ସବୁ ୱାର୍ଡ଼ରେ ୮ଟି ନଳକୂପ ଅଚଳ ରହିଛି। ଶ୍ୟାମାରାଇପୁରରେ ଥିବା ପାଣି ପଞ୍ଚାୟତ ଦ୍ୱାରା ୨୦୦ ଲୋକ ଉପକୃତ ହେଉଥିବା ବେଳେ ତାହା ମଧ ଅଚଳ ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ସେହିପରି ଶ୍ୟାମାରାଇପୁର ହାଟ, ମନ୍ତାପାଳ ଏବଂ ତାଡ଼ଦା ପଶ୍ଚିମ ସାହିରେ ଗୋଟିଏ ଲେଖାଏଁ ନୂଆ ନଳକୂପ ବସାଇବା ପାଇଁ ଦାବି କରାଯାଇଛି। ବସ୍ତା ବ୍ଲକ

**ଉତ୍କଟ ହେଉଛି ଜଳ ସମସ୍ୟା**

ଛାତ୍ର ବିଜେଡି ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ବିଡିଓଙ୍କୁ ଅଚଳ ହୋଇଥିବା ସମସ୍ତ ନଳକୂପ ଓ ପାଣି ପଞ୍ଚାୟତର ମରାମତି ସହ ୩ଟି ନୂତନ ନଳକୂପ ଖନନ ପାଇଁ ଲିଖିତ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଦୀପକ ସିଂ, ସଞ୍ଜୟ ଘୋଷ, ବଳରାମ ରଣା, ସମୀର ଦାସ, କାର୍ତ୍ତିକ ମହାକୁଡ଼, ସୁଶାନ୍ତ ସାହୁ, ମୁନା ଦଳେଇ, ବୁଲୁ ରଣା, ଦିବ୍ୟଜ୍ୟୋତି ଦାସ, କାହ୍ନୁ ବିଶ୍ୱାଳ ଓ ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ସମସ୍ୟାର ଆଶୁ ସମାଧାନ ନେଇ ବସ୍ତା ବିଡିଓ ଜ୍ଞାନରଞ୍ଜନ ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ଦୁର୍ଗମ ଅଞ୍ଚଳରେ ଚୁଆ ଭରସା

**ଝୁମ୍ପୁରା, ୧୮।୫(ଡି.ଏନ.ଏ.)**

- ବର୍ଷ ବର୍ଷ ଧରି ହେଉନି ଟାଙ୍କି ସଫା
- ସୋଲାର ସିଷ୍ଟମ ଅଚଳ

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ବସନ୍ତପୁର, ନୟାଗଡ, ମଲଦା, କୁଟୁଗାଁ ପଞ୍ଚାୟତଗୁଡିକର ବହୁ ଗ୍ରାମରେ ଗଭୀର ନଳକୂପ ଦ୍ୱାରା ସୋଲାର ସିଷ୍ଟମ ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ହେଲେ ସୋଲାର ସିଷ୍ଟମରେ ଲାଗିଥିବା ସିନଟେକ୍ସ ଟାଙ୍କି ଗୁଡିକ ବର୍ଷ ବର୍ଷ ଧରି ସଫା କରାଯାଉ ନାହିଁ। ପୁଣି ବହୁ ସିନଟେକ୍ସ ଟାଙ୍କି ଗୁଡିକର ଢାଙ୍କୁଣି ନ ଥିବାରୁ ଟାଙ୍କି ଉପର ଖୋଲାମେଲା ହୋଇ ମଇଳା ପଶୁଥିବାରୁ ପାଣି ଦୂଷିତ ହେବା ସହିତ ଗନ୍ଧଯୁକ୍ତ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ମଧ୍ୟ ଏଗୁଡ଼ିକ ଠିକ୍ କରାଯାଉ ନାହିଁ। ଫଳରେ ଗ୍ରାମବାସୀ ଦୂଷିତ ପାଣି ବ୍ୟବହାର କରି ରୋଗାକ୍ରାନ୍ତ ହେଉଛନ୍ତି।

ନିକଟରେ କୁଟୁଗାଁ ପଞ୍ଚାୟତର ହାତୀଦରୀ ଏବଂ ନାଉପାଣି ଗ୍ରାମରେ ଦୂଷିତ ପାଣି ପିଇ ଝାଡା, ବାନ୍ତି ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହୋଇଥିଲେ। ସେତେବେଳେ ମଧ୍ୟ ସିନଟେକ୍ସ ଟାଙ୍କି ସହିତ ପାନୀୟ ଜଳ ଯୋଗାଣ ହେଉଥିବା ଟାଙ୍କି ଗୁଡିକ ସଫା କରିବା ପାଇଁ ଅଭିଯୋଗ ହୋଇଥିଲା। ହେଲେ କେବଳ ପ୍ରତିଶ୍ରୁତିରେ କାମ ଅଟକି ଯାଇଛି। ଅନ୍ୟପକ୍ଷରେ ଏବେ ଜଙ୍ଗଲାଞ୍ଚଳର ବହୁ ଗ୍ରାମବାସୀ ଚୂଆ ପାଣିକୁ ଆଦରି ନେଇଛନ୍ତି। ଟାଙ୍କି ସଫା ହେବା ପାଇଁ ପ୍ରତିଶ୍ରୁତି ଦେବାର ୨ମାସ ବିତିଲାଣି ହେଲେ ଟାଙ୍କି ସଫା ହେଉନାହିଁ ବୋଲି ବ୍ରାହ୍ମଣଝରି ଗ୍ରାମବାସୀ କହିଛନ୍ତି। ବସନ୍ତପୁର ପଞ୍ଚାୟତର ପେଣ୍ଠେଇସାହି ବାସୀନ୍ଦା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ କେନ୍ଦୁଝରସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୟାନିଧି ସାହୁ କହିଛନ୍ତି ଟାଙ୍କି ଗୁଡ଼ିକ ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୀଘ୍ର ଏହି କାମ କରାଯିବ।

# ମା', ଝିଅଙ୍କୁ ହତ୍ୟା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୮।୫**

■ ସନ୍ଦେହଜନକ ଅବସ୍ଥାରେ ମିଳିଲା ମୃତଦେହ
■ ପୋଲିସର ତନାଘନା, ସ୍ୱାମୀ ଅଟକ




ରାଜଶ୍ରୀ ଏବଂ ଶ୍ୱେତା

ଖୋର୍ଦ୍ଧା ଥାନା ଅନ୍ତର୍ଗତ ପାଟପୁରିଆ ଗ୍ରାମରେ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମା ଓ ଝିଅଙ୍କ ମୃତଦେହ ମିଳିଛି। ମୃତକ ଦ୍ୱୟ ହେଲେ ପାଟପୁରିଆ ଗ୍ରାମର ଶିବ ପ୍ରସାଦ ପତିଙ୍କ ସ୍ତ୍ରୀ ରାଜଶ୍ରୀ ଓ ତାଙ୍କ ୭ବର୍ଷୀୟା ଝିଅ ଶ୍ୱେତା। ଦୁହେଁ ଆତ୍ମହତ୍ୟା କରିଥିବା ଶାଶୁଘରଲୋକେ କହୁଥିବାବେଳେ ଉଭୟଙ୍କୁ ହତ୍ୟା କରାଯାଇଛି ବୋଲି ରାଜଶ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ରାଜଶ୍ରୀଙ୍କ ପିତା ଅଶ୍ୱିନୀ ପଣ୍ଡା ଯୌତୁକ ନିର୍ଯାତନା ଓ ହତ୍ୟା ଅଭିଯୋଗ କରିବା ପରେ ମୃତଦେହ ଦୁଇଟିକୁ ପୋଲିସ ଜବତ କରିଛି। ଏଥିସହ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ. ୨୦୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଭିତ୍ତିରେ ଶିବପ୍ରସାଦଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ୨୦୧୨ରେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଅଶ୍ୱିନୀଙ୍କ ଝିଅ ରାଜଶ୍ରୀ ପାଟପୁରିଆ ଗ୍ରାମର ଶିବପ୍ରସାଦଙ୍କୁ ବିବାହ କରିଥିଲେ। ତେବେ ବିବାହ ପରଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିଥିଲା। କୌଣସି କାରଣକୁ ନେଇ ସର୍ବଦା କଳହ ହେଉଥିଲା। ଝିଅଟିଏ ହେଲା ପରେ ବି ଅଶାନ୍ତି ଦୂର ହୋଇ ନ ଥିଲା। ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଝିଅ ସହ ରାଜଶ୍ରୀ ରହୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରାଜଶ୍ରୀ ତାଙ୍କ ମା'ଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ। ଏହାର ଦେଢଘଣ୍ଟା ପରେ ରାଜଶ୍ରୀ ଓ ତାଙ୍କ ଝିଅ ବିଷ ପିଇଦେଇଥିବା ଖବର ମିଳିଥିଲା। ରାଜଶ୍ରୀଙ୍କ ପରିବାରବର୍ଗ ତୁରନ୍ତ ଖୋର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମା', ଝିଅଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ତେବେ ସେମାନେ ବିଷ ପିଇବା କଥାକୁ ଗ୍ରହଣ କରିପାରିନାହାନ୍ତି। ଜ୍ୱାଇଁ ଶିବପ୍ରସାଦ ଉଭୟଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ରାଜଶ୍ରୀଙ୍କ ମା' ଗଣମାଧ୍ୟମ ଆଗରେ କହିଛନ୍ତି।

ଅନ୍ୟପକ୍ଷରେ ରାଜଶ୍ରୀ କୁଆଡ଼େ ସ୍ୱାମୀଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ହେଉଥିଲା। ବୋଧହୁଏ ରାଜଶ୍ରୀଙ୍କୁ ରାସ୍ତାରୁ ହଟାଇଦେଲେ, ସବୁ ସମସ୍ୟାର ଅନ୍ତ ଘଟିବ ବୋଲି ଶିବପ୍ରସାଦ ଭାବି ଉଭୟଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ପୋଲିସ କହିଛି ଯେ, ଖୋର୍ଦ୍ଧା ମେଡିକାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିବାବେଳେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।

# ଜରୁରୀ ସେବା ଯୋଗାଉଥିବା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କର

## ହାଇକୋର୍ଟରେ ମାମଲା



**କଟକ ଅଫିସ, ୧୮।୫:** ଅଙ୍ଗନୱାଡି କର୍ମୀ, ଶିକ୍ଷକ, ପୋଷ୍ଟାଲ କର୍ମଚାରୀ, ମେଡିସିନ ଯୋଗାଣରେ ସମ୍ପୃକ୍ତ ଥିବା କର୍ମଚାରୀ ଏବଂ ଆଇନଜୀବୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଉ। କରୋନା ମହାମାରୀ ସମୟରେ ଏହି ବୃତ୍ତିଧାରୀମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ତେଣୁ ଏହି ସମସ୍ତ ବୃତ୍ତିଧାରୀଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ମଙ୍ଗଳବାର ଏକ ମାମଲା ରୁଜୁ କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ଆଗରୁ ରାଜ୍ୟ ସରକାର ଡାକ୍ତର, ନର୍ସ, ପାରା ମେଡିକାଲ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଯଦି ସେମାନେ କରୋନାରେ ମୃତ୍ୟୁବରଣ କରନ୍ତି, ତା'ହେଲେ ସେମାନଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ତେବେ ଏହି ବୃତ୍ତିଧାରୀଙ୍କ ପରି ରାଜ୍ୟର ସମସ୍ତ ଆଇନଜୀବୀ, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ପୋଷ୍ଟମ୍ୟାନ୍, ବିଦ୍ୟୁତ୍ ଯୋଗାଣ କର୍ମଚାରୀ, ଜଳଯୋଗାଣ କର୍ମଚାରୀ, ସମସ୍ତ ମେଡିସିନ୍ ଦୋକାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ପାଇଁ ପରିଷଦ ପକ୍ଷରୁ ପୂର୍ବରୁ ସରକାରଙ୍କ ପାଖରେ ଦାବି ହୋଇଥିଲା। ହେଲେ ଏ ନେଇ କୌଣସି ନିଷ୍ପତ୍ତି ନିଆ ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ତୃତୀୟ ବିବାହ ବାର୍ଷିକୀ

ଯଶୋବନ୍ତ ଓ ଶୋଭାରାଣୀ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ବାପା, ବୋଉ, ପିଣ୍ଟୁ, ଅମିତ୍, ଗିନୀ, ତୁମକୀ, ମାମା, ସୁନା, ଚୁନା, କୁନାଭାଇ, ମୁନାଭାଇ, ତପୋୟନାନୀ, ବନ୍ଧୁ ପ୍ରିୟଜନ ଓ ସାଙ୍ଗସାଥି।
ଧ-୨୦୭୩୭

# ମାରଣାସ୍ତ୍ର ଦେଖାଇ ଅଳଙ୍କାର, ଟଙ୍କା ଲୁଟ୍

**ଚୌଦ୍ୱାର, ୧୮।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରାହ୍ମଣସାହିର ଭାଗ୍ୟଧର ବେହେରାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଲାଇନ୍ ନ ଥିବାରୁ ଭାଗ୍ୟଧର ଘରର ଛାତ ଉପରେ ଶୋଇଥିଲେ। ରାତି ପ୍ରାୟ ସାଢେ ୧ଟାରେ ଦୁଇଜଣ ଦୁର୍ବୃତ୍ତ ଛାତ ଉପରେ ଚଢିବା ସହ ଭାଗ୍ୟଧରଙ୍କୁ ଖଣ୍ଡା ଦେଖାଇ ଘର ଭିତରକୁ ନେଇଯାଇଥିଲେ। ପରେ ଘରର ବାଡିପଟ କବାଟ ଖୋଲି ୩ଜଣ ଦୁର୍ବୃତ୍ତ ହାତରେ ଠେଙ୍ଗା ଧରି ପ୍ରବେଶ କରିଥିଲେ। ଘର ଭିତରେ ଭାଗ୍ୟଧରଙ୍କ ସ୍ତ୍ରୀ ଦିପ୍ତୀମୟୀ ଓ ଦୁଇଟି ଛୋଟପିଲା ଥିଲେ। ଦୁର୍ବୃତ୍ତମାନେ ଖଣ୍ଡା ଓ ଠେଙ୍ଗାରେ ପରିବାର ଲୋକଙ୍କୁ ଭୟଭିତ କରାଇ ଆଲମିରା ଚାବି ମାଗିଥିଲେ। ପରେ ଆଲମିରାରେ ଥିବା ୭ ହଳ ଶଙ୍ଖା, ୪ଟି ମୁଦି, ୪ଟି ଚେନ୍, ୨ଟି ମଙ୍ଗଳସୁତ୍ର ଓ ୧୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଭାଗ୍ୟଧର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# କୋଭିଡ୍ ପରିଚାଳନା: ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

## ସର୍ବଦଳୀୟ ବୈଠକରେ କହିବାକୁ ସୁଯୋଗ ଦେଲେନି: ସୁରେଶ

ଓଡ଼ିଶା ସରକାରଙ୍କ କୋଭିଡ ରୋଗୀଙ୍କ ପାଇଁ ସେବା ପରିଚାଳନା ନୈରାଶ୍ୟଜନକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ସରକାର ସହାୟତା ତୁଳନାରେ ପ୍ରଚାର ଅଧିକା କରୁଛନ୍ତି। ସଂକ୍ରମଣ ଅତି ଦ୍ରୁତ ଗତିରେ ଗାଁ ମୁହାଁ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରିସ୍ଥିତିରେ ସରପଞ୍ଚମାନଙ୍କୁ ଜିଲାପାଳ ଦାୟିତ୍ୱ ଦେଇ ଏକ ପ୍ରହେଳିକା ସୃଷ୍ଟି କରିଛନ୍ତି। ଗତଥର କରୋନା ମହାମାରୀ ସମୟରେ ସରପଞ୍ଚମାନେ କେତେ ଅସହାୟ ଥିଲେ ଏବଂ କରୋନା ପୀଡ଼ିତଙ୍କ ପାଇଁ ସେମାନଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥା କେତେ ସଫଳ ହୋଇପାରିଥିଲା ତାହା ରାଜ୍ୟବାସୀ ଅଙ୍ଗେ ନିଭାଇଛନ୍ତି। ସରପଞ୍ଚଙ୍କୁ ଖାଲି ସରକାରୀ ଘୋଷଣା ମାଧ୍ୟମରେ ଜିଲାପାଳ କ୍ଷମତା ଦିଆଯାଇଛି। ମାତ୍ର ସେମାନଙ୍କ ପାଖରେ ଏପରି ପ୍ରସ୍ତୁତି ନାହିଁ। ସରକାର ମଧ୍ୟ ସରପଞ୍ଚଙ୍କ କୋଭିଡ ସେବାର ତଦାରଖ ଏବଂ ପରିଚାଳନା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରି ନାହାନ୍ତି। ଗ୍ରାମାଞ୍ଚଳ ଗୁଡ଼ିକରେ ସଙ୍ଗରୋଧ ସେବାକେନ୍ଦ୍ର ହୋଇପାରିଲା ନାହିଁ। ଟେଷ୍ଟିଂ ଅବସ୍ଥା ମଧ୍ୟ ନୈରାଶଜନକ। ପୁଣି ଜଙ୍ଗଲରେ ବାସକରୁଥିବା ଜନଜାତି କରୋନା ଆକ୍ରାନ୍ତ ହୋଇଥିଲା ବେଳେ ସରକାର ଏଥିପ୍ରତି ଉପଯୁକ୍ତ ତତ୍ପରତା ପ୍ରଦର୍ଶନ କରିନାହାନ୍ତି। ବିଶେଷକରି ୮ଟି ହସପିଟାଲ ବୁଲି ଚିକିତ୍ସା ସୁବିଧା ପାଇପାରି ନ ଥିବା ବାଲିପାଟଣାର ୨୫ ବର୍ଷିଆ କୋଭିଡ ରୋଗୀ ସ୍ୱର୍ଣ୍ଣଲତା ପାଳଙ୍କ ମୃତ୍ୟୁ ଘଟଣା ନବୀନ ସରକାର ବିଫଳତାକୁ ପଦାରେ ପକାଇଛି। ଗତକାଲି ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଲେ। ଆମେ ବିଧାୟକମାନେ ମଧ୍ୟ ଯୋଗ ଦେଇଥିଲୁ। ମୁଖ୍ୟମନ୍ତ୍ରୀ ଘରେ ରହି ରାଜ୍ୟରେ କୋଭିଡ ପରିଚାଳନାକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ କିନ୍ତୁ ଆମମାନଙ୍କୁ କିଛି କହିବାକୁ ସୁଯୋଗ ଦେଲେ ନାହିଁ ବୋଲି ଜଟଣୀ ବିଧାୟକ ସୁରେଶ ରାଉତରାୟ ଅଭିଯୋଗ କରିଛନ୍ତି।



ଚନ୍ଦନଯାତ୍ରାର ଚତୁର୍ଥ ଦିନରେ ମଙ୍ଗଳବାର ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଜଳକ୍ରୀଡ଼ା କରୁଛନ୍ତି।

## ଫୁରସତ୍

# ପୁଅ, ମୁଁ ସବୁ ବାପାଙ୍କ ମା'



## ମନ୍ତବ୍ୟ ଦେଇ ହଟହଟା

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଅନାବନା ମନ୍ତବ୍ୟ ଦେଇ ବିବାଦୀୟ ହେବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ଏହି କାରଣରୁ ତାଙ୍କ ଟ୍ୱିଟର ଆକାଉଣ୍ଟ ବନ୍ଦ ହେବା ପରେ ସେ ଏବେ ଇନ୍‌ଷ୍ଟାଗ୍ରାମରେ ସକ୍ରିୟ ଅଛନ୍ତି। ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ସଂଘର୍ଷକୁ ନେଇ କଙ୍ଗନା ନିକଟରେ ଇନ୍‌ଷ୍ଟାଗ୍ରାମରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାକୁ ନେଇ ୟୁଜର୍ସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କେତେଜଣ ୟୁଜର୍ସ କଙ୍ଗନାଙ୍କୁ କିଛି ଜଣାନାହିଁ ବୋଲି ସମାଲୋଚନା କରିଥିଲେ। ଟ୍ରୋଲ୍ ହେବା ପରେ ସେ ଏବେ ସାମାଜିକ ଗଣମାଧ୍ୟମରେ ଭ୍ରୂକୁଞ୍ଚନ ସୃଷ୍ଟିକାରୀ ଆଉ ଏକ ପୋଷ୍ଟ କରିଛନ୍ତି। ଏକ ଭିଡିଓର ସ୍କ୍ରିନଶଟ୍ ଶେୟାର କରି ଲେଖିଛନ୍ତି, ଇସ୍ରାଏଲ୍ କିପରି ଗଠନ ହୋଇଥିଲା ତାହା ଏହି ଭିଡିଓରେ ସ୍ପଷ୍ଟ ରୂପେ ଦର୍ଶାଯାଇଛି। ଏହା ଏକ ଅବୈଧ ରାଷ୍ଟ୍ର ନୁହେଁ। ଇସ୍ରାଏଲୀମାନେ ଏହାକୁ ବ୍ରିଟିଶ୍‌ଙ୍କ ହାତରୁ ଫେରାଇଆଣିଥିଲେ ଏବଂ ଜାତିସଂଘ ସହାୟତାରେ ପ୍ରତିଷ୍ଠା କରିଥିଲେ। ସେତେବେଳେ ୬ ମୁସଲିମ ରାଷ୍ଟ୍ର ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲେ। ଏକ ଯୁଦ୍ଧ ଜିତିଲେ ଏପରି ହୋଇଥାଏ। ଯେଉଁମାନେ ଏଠାରେ କାନ୍ଦୁଛନ୍ତି ଓ ମୋତେ କିଛି ଜଣାନାହିଁ ବୋଲି କହୁଛନ୍ତି ସେମାନେ ବୁଝିବା ଦରକାର ଯେ, ବେଟା ଆଇ ଆମ୍ ଦି ମଦର ଅଫ୍ ଅଲ୍ ଫାଦର୍ସ(ପୁଅ, ମୁଁ ସବୁ ବାପାଙ୍କ ମା')। ଆଗକୁ ଔକାତରେ ରହି କଥା କୁହ।

# ଭିକାରୀଙ୍କ ଘରେ ସିନ୍ଦୁକ ଭର୍ତ୍ତି ଟଙ୍କା

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜୀ ମନ୍ଦିରରେ ଭିକ ମାଗୁଥିବା ଜଣେ ବ୍ୟକ୍ତି ଶ୍ରୀନିବାସନ ତିରୁମାଲାଙ୍କ ପାଖରୁ ମିଳିଛି ଦୁଇଟି ସିନ୍ଦୁକ ଭର୍ତ୍ତି ଟଙ୍କା। ସେଥିରେ ୬ ଲକ୍ଷରୁ ଅଧିକ ଟଙ୍କା ରହିଥିବା ଜଣାପଡ଼ିଛି। ୬୪ ବର୍ଷୀୟ ଶ୍ରୀନିବାସନଙ୍କ ବର୍ଷ ବର୍ଷ ଧରି ବାଲାଜି ମନ୍ଦିର ଆଗରେ ଭିକ୍ଷାବୃତ୍ତି କରି ଆସୁଛନ୍ତି। ତାଙ୍କ ପାଖରେ ବିପୁଳ ଟଙ୍କା ଥିବା ସୂଚନା ପାଇ ପୋଲିସ ଅଫିସର ଏବଂ ଅନ୍ୟ ଅଧିକାରୀମାନେ ଶ୍ରୀନିବାସନଙ୍କ ଘର ତଲାସୀ କରିଥିଲେ। ସେଠାରୁ ଟଙ୍କା ଭର୍ତ୍ତି ଦୁଇଟି ବଡ଼ ସିନ୍ଦୁକ ମିଳିଥିଲା।



# ଯାଆଁଳା ଭାଇଙ୍କ ଜୀବନ ନେଲା କରୋନା



**ମିରଟ:** ମାତ୍ର ୩ ମିନିଟ୍ ବ୍ୟବଧାନରେ ଜନ୍ମ ହୋଇଥିଲେ ଦୁଇ ଭାଇ। ଦେଖିବାକୁ ଏକାଭଳି। ଏକାସାଙ୍ଗେ ବଡ଼ ହେଲେ। ସାଙ୍ଗ ହୋଇ କମ୍ପ୍ୟୁଟର ଇଞ୍ଜିନିୟରିଂରେ ବି. ଟେକ କଲେ। ଦୁହିଁଙ୍କ ସ୍ୱପ୍ନ ଥିଲା ବିଦେଶରେ କାମ କରିବା। କିନ୍ତୁ ସବୁ କିଛି ଉଜାଡ଼ି ଦେଲା କରୋନା। ଗୋଟିଏ ହସ୍ପିଟାଲରେ କିଛି ଘଣ୍ଟାର ବ୍ୟବଧାନରେ କରୋନାଠାରୁ ହାରିଗଲେ ଦୁଇ ଭାଇ। ଉତ୍ତର ପ୍ରଦେଶର ମିରଟର ଏକ ପରିବାର ସହ ଏଭଳି ଘଟିଛି। ଗତ ଏପ୍ରିଲ ୨୩ ରେ ୨୪ ତମ ଜନ୍ମଦିନ ପାଳିଥିଲେ ଜୋଫ୍ରେଡ୍ ଓ ରାଲଫ୍ରେଡ ଗ୍ରେଗୋରି। ଏହାର ପରଦିନ ଦୁହିଁଙ୍କ ଠାରେ କୋଭିଡ୍ ଲକ୍ଷଣ ଦେଖାଦେଇଥିଲା। ହୋମ କ୍ୱାରେଣ୍ଟାଇନରେ ରହି ଉଭୟେ ଚିକିତ୍ସିତ ହେଉଥିଲେ। କିନ୍ତୁ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ମେ ୧ରେ ମିରଟର ଏକ ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ୧୦ ତାରିଖରେ ଦୁହିଁଙ୍କ ରିପୋର୍ଟ ମଧ୍ୟ ନେଗେଟିଭ ଆସିଥିଲା। କିନ୍ତୁ ଏହି ଖୁସି ଥିଲା ମାତ୍ର କିଛିଦିନ ପାଇଁ। ଏହାର ୩ଦିନ ପରେ ପ୍ରଥମେ ଜୋଫ୍ରେଡ୍ ଓ ତା'ର କିଛି ଘଣ୍ଟା ପରେ ରାଲଫ୍ରେଡଙ୍କ ମୃତ୍ୟୁ ଘଟିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279, 7656825022
Retamunda, Bhatigaon, Baragarh

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ, ଝାରସୁଗୁଡ଼ା, ନୂଆପଡ଼ା, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ବୁଧବାର ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୭.୬ |
| ଚାନ୍ଦବାଲି | ୩୯.୨ | ୨୬.୬ |
| କଟକ | ୩୮.୦ | ୨୭.୦ |
| ପାରାଦୀପ | ୩୩.୨ | ୨୯.୦ |
| ଭୁବନେଶ୍ୱର | ୩୯.୪ | ୨୮.୦ |
| ଗୋପାଳପୁର | ୩୩.୨ | ୨୭.୭ |
| ପୁରୀ | ୩୪.୬ | ୨୯.୨ |
| ଅନୁଗୋଳ | ୪୧.୭ | ୨୬.୬ |
| ବାରିପଦା | ୪୦.୦ | ୨୭.୫ |
| ଝାରସୁଗୁଡ଼ା | ୩୯.୪ | ୨୮.୬ |
| କେନ୍ଦୁଝର | ୩୭.୬ | ୨୫.୦ |
| ସମ୍ବଲପୁର | ୪୧.୨ | ୨୯.୭ |
| ସୁନ୍ଦରଗଡ଼ | ୪୧.୦ | ୨୫.୦ |
| ହୀରାକୁଦ | ୩୯.୩ | ୨୮.୦ |
| ତାଳଚେର | ୪୦.୭ | ୨୭.୫ |
| ଭବାନୀପାଟଣା | ୪୦.୫ | ୨୮.୦ |
| ବଲାଙ୍ଗୀର | ୩୯.୨ | – |
| କୋରାପୁଟ | ୩୫.୦ | ୨୧.୦ |
| ଫୁଲବାଣୀ | ୪୦.୪ | ୨୧.୫ |
| ଟିଟିଲାଗଡ଼ | ୪୦.୨ | ୨୬.୮ |
| ମାଲକାନଗିରି | ୪୦.୦ | ୨୫.୦ |
| ସୋନପୁର | ୪୨.୦ | ୨୩.୧ |
| ଦାରିଙ୍ଗିବାଡ଼ି | ୩୪.୫ | ୨୨.୦ |
| ନୟାଗଡ଼ | ୩୯.୫ | ୨୨.୦ |
| ବୌଦ୍ଧ | ୪୧.୫ | ୨୭.୫ |
| ଛତ୍ରପୁର | ୩୫.୫ | ୨୮.୦ |
| ପାରଳାଖେମୁଣ୍ଡି | ୩୭.୦ | ୨୮.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବଳଭଦ୍ର ପ୍ରସାଦ ମହାନ୍ତି
୧୨୯, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୯।୦୬।୧୯୫୦
ତିରୋଧାନ: ୦୯।୦୫।୨୦୨୧
ହସ ଖୁସିର ସଂସାରର ଚକ ଗଡ଼ି ଚାଲିଥିଲାବେଳେ ହଠାତ୍ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଚାଲିଗଲ। ତୁମର ଆକସ୍ମିକ ବିୟୋଗରେ ସମଗ୍ର ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ ମର୍ମାହତ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ସଂସ୍କାର ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆଜି ଏହି ଏକାଦଶ ଦିବସରେ ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୬୭୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଇଂ ଏସ ମକରଧ୍ୱଜ ପୃଷ୍ଟି
ଜିଲୁଣ୍ଡି, ଭଞ୍ଜନଗର, ଗଞ୍ଜାମ
ଫର୍ଚ୍ଚୁନ୍ ରେସିଡେନ୍ସି, ଗାନ୍ଧୀନଗର, ବ୍ରହ୍ମପୁର
ଆବିର୍ଭାବ : ୨୫.୧୦.୧୯୪୩
ତିରୋଧାନ : ୦୯.୦୫.୨୦୨୧
ତୁମର ଅନାବିଳ ସ୍ନେହ, ଭଲ ପାଇବା, ଧର୍ମ ପରାୟଣତା ଓ କର୍ତ୍ତବ୍ୟନିଷ୍ଠା ଆମର ଚିର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ- ଏସ୍. କଲ୍ୟାଣୀ ପୃଷ୍ଟି, ପୁଅ-ଅନିଲ୍, ସୁନିଲ୍, ବୋହୂ- ନିର୍ମଳା, ମିନୁ, ଝିଅ-ଜ୍ୱାଇଁ: କୁଇନ୍ ଓ ଦେବ କୁମାର ପାତ୍ର, ନାତିନାତୁଣୀ-ଈଶାରା, ଈଶ୍ୱର, ନିଲ୍, ଖୁସ୍‌ବୁ, ଭିଭାନ୍, ବନ୍ଧୁ ଓ ପରିବାରବର୍ଗ।

SAD DEMISE
11th day on 19.05.2021

√ PRAMOD SAHU
Raipitambara, Mangalpur, Soro, Balasore
D.O.B : 15.07.1967
D.O.D : 09.05.2021
Lets us grieve for the bond we shared and the bond we didn't get a chance to form yet since you passed too soon... dear friend
PRAMOD
LOTS OF LOVE FRIENDS VANIVIHAR 90
ଧ-୨୦୭୩୫

ଏକାଦଶାହ ଉପଲକ୍ଷେ

୰ମିନତୀ ଓଝା
ଆବିର୍ଭାବ: ୦୧।୦୧।୧୯୫୮
ତିରୋଧାନ:୦୯।୦୫।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ଘନଶ୍ୟାମ ଓଝା, ପୁଅ: ମଣ୍ଟୁ, ପିଣ୍ଟୁ, ଝିଅ: ବୁଢ଼ୀଆ, ଜ୍ୱାଇଁ: ମିଟୁ, ନାତି: ଅମନ୍, ଗେଲୁ ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୪୬୫୫୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ସନ୍ତୋଷ କୁମାର ମଲ୍ଲିକ
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର, କନ୍ୟା ଓ ପରିବାରବର୍ଗ।
ଧ-୭୦୭୦୫

